# ଜିଏମ୍ଆର୍ ଫାଉଣ୍ଡେସନ ଦ୍ୱାରା 'ପରିବାର ବ୍ୟବସାୟ ପାଇଁ ଆବଶ୍ୟକ ମନ୍ତ୍ର' ଶୀର୍ଷକ ଆଲୋଚନାଚକ୍ର ୧୭ରେ

କଂଟାବଣିଆ, ୧୪।୧୦(ନିପ୍ର) : ଜିଏମ୍ଆର୍ ଭରଲକ୍ଷ୍ମୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ପରମ୍ପରା ଫାମିଲି ବିଜିନେସ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ 'ପରିବାର ବ୍ୟବସାୟ ପାଇଁ ଆବଶ୍ୟକ ମନ୍ତ୍ର' ଶୀର୍ଷକ ପଂଚମ ସଂସ୍କରଣ ଆଲୋଚନାଚକ୍ର ଆସନ୍ତା ୧୭ତାରିଖ ଦିନ ଅନୁଷ୍ଠିତ ହେବାକୁ ନିଷ୍ପତି ହୋଇଛି। ଅନୁଷ୍ଠିତ ହେବାକୁ ଥିବା ଏହି ଆଲୋଚନାଚକ୍ର ୧ଘଂଟା ଧରି ଚାଲିବ ବୋଲି ନିଷ୍ପତି ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଂତୋଇନ୍ ମାୟାସ୍ତୁଦ୍ ଓ ପେଟର ଲିଙ୍କ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆଲୋଚନାଚକ୍ରରେ ଅତିଥିମାନେ ପରିବାର ବ୍ୟବସାୟ ଉପରେ ସେମାନଙ୍କର ଅଭିଜ୍ଞତା ଓ ନିଜସ୍ୱ ଯାତ୍ରାର ସଫଳକାହାଣୀ ଉପସ୍ଥାପନ କରିବେ ବୋଲି ଜଣାପଡିଛି।